SHREE JAGANNATHA TEMPLE ADMINISTRATION
Puri, Odisha

# ଶ୍ରୀମନ୍ଦିର ସମାଚାର

SHREE JAGANNATH TEMPLE BULLETIN

ସ୍ୱତନ୍ତ୍ର ବିଶେଷାଙ୍କ     ରଥଯାତ୍ରା - ୨୦୨୨

## ଭକ୍ତମାନଙ୍କ ଗହଣରେ ଶ୍ରୀବିଗ୍ରହଙ୍କ ନବଦିନାତ୍ମକ ଯାତ୍ରା

ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ପାଳନ କରାଯାଉଥିବା 'ଦ୍ୱାଦଶ ଯାତ୍ରା' ମଧ୍ୟରେ ଶ୍ରୀଗୁଣ୍ଡିଚା ଯାତ୍ରା ବା ରଥଯାତ୍ରା ସର୍ବଶ୍ରେଷ୍ଠ । ପ୍ରତିବର୍ଷ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଭକ୍ତ ବତ୍ସଳ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହୁଏ । ସାର୍ବଜନୀନ ଏହି ଯାତ୍ରା- ଘୋଷ ଯାତ୍ରା, ମହାବେଦୀ ଯାତ୍ରା, ପତିତପାବନ ଯାତ୍ରା, ଆଡ଼ପମଣ୍ଡପ ଯାତ୍ରା, ନବଦିନାତ୍ମକ ଯାତ୍ରା ଓ ଜନକପୁରୀ ଯାତ୍ରା ଆଦି ନାମରେ ପ୍ରସିଦ୍ଧି ଲାଭ କରିଅଛି । ରଥ ଉପରେ ବାମନ ସ୍ୱରୂପ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କଲେ, ମନୁଷ୍ୟ ଜନ୍ମରୁ ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି ।



ଏହି ପରିପ୍ରେକ୍ଷୀରେ ତା ୧.୭.୨୨ ରିଖ ଶୁକ୍ରବାର ଦିନ ଶ୍ରୀକ୍ଷେତ୍ରରେ ପ୍ରସିଦ୍ଧ ଶ୍ରୀଗୁଣ୍ଡିଚାଯାତ୍ରା ଅନୁଷ୍ଠିତ ହୋଇଛି । ଏହି ଦିନ ପ୍ରାତଃ କାଳରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବେଶ ଶେଷ ହୋଇ ଗୋପାଳବଲ୍ଲଭ ଓ ସକାଳଧୂପ (ଖେଚୁଡ଼ି ଭୋଗ) ନୀତି ଅନୁଷ୍ଠିତ ହୋଇଥିଲା । ଇତ୍ୟବସରରେ ରଥ ପ୍ରତିଷ୍ଠା କାର୍ଯ୍ୟକ୍ରମ ମଧ୍ୟ ଶେଷ ହୋଇଥିଲା । ଏହାପରେ ମଙ୍ଗଳାର୍ପଣ ହୋଇ ଘ.୬.୧୫ମି. ସମୟରେ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା । ଧାଡ଼ି ପହଣ୍ଡିରେ ସର୍ବପ୍ରଥମେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶ୍ରୀଜଗନ୍ନାଥ ସ୍ୱ ସ୍ୱ ରଥରେ ରଥାରୂଢ଼ ହେବାପରେ ରାମକୃଷ୍ଣ ଓ ମଦନମୋହନ ରଥ ଉପରକୁ ବିଜେ କରିଥିଲେ । ଏହାପରେ ଶ୍ରୀବିଗ୍ରହମାନଙ୍କୁ ଚିତାଲାଗି ଓ ବେଶ କରାଯାଇଥିଲା । ତତ୍‌ପରେ ଗଜପତି ମହାରାଜା ଶ୍ରୀଶ୍ରୀ ଦିବ୍ୟସିଂହଦେବ ରୂପା ଖଚିତ ତାମଜାନରେ ପଟୁଆରରେ ବିଜେ କରି ଘ. ୧୧.୨୦ମି. ରୁ ଘ. ୧୨.୨୦ମି. ସମୟ ମଧ୍ୟରେ ରଥାରୂଢ଼ ବିଗ୍ରହମାନଙ୍କର ପାରମ୍ପରିକ ଛେରାପହଁରା ନୀତି ସମ୍ପନ୍ନ କରିଥିଲେ । ପରେ ରଥରୁ ଚାରମାଳ ଫିଟାଯାଇ ଘୋଡ଼ା ଯୋଚା ଯାଇଥିଲା । ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ଘ. ୧୨.୩୫ମି. ସମୟରେ ଟଣା ଆରମ୍ଭ ହୋଇଥିଲା । ପରେ ପରେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ଘ. ୧.୩୦ମି. ସମୟରେ ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଘ. ୨.୩୦ମି. ସମୟରେ ଟଣା ଯାଇଥିଲା । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ତିନୋଟି ରଥ ଘ.୬.୩୦ମି. ସୁଦ୍ଧା ଶ୍ରୀଗୁଣ୍ଡିଚା ଠାରେ ପହଞ୍ଚିଥିଲେ । ତା ୨.୭.୨୨ ରିଖ ଶନିବାର ଦିନ ସକାଳେ ରଥ ଉପରେ ଆନୁସଙ୍ଗିକ ନୀତି, ସମ୍ପାଦନ ପରେ, ରଥ ଉପରେ ସଂଧ୍ୟା ଧୂପ ନୀତି ଶେଷ ହୋଇ ଶ୍ରୀବିଗ୍ରହମାନେ ଘ. ୫.୪୦ମି. ସମୟରେ ଗୋଟି ପହଣ୍ଡିରେ ଶ୍ରୀଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପକୁ ବିଜେ କରିଥିଲେ ।

ହେରାପଞ୍ଚମୀ ପୂର୍ବଦିନ ଶ୍ରୀଗୁଣ୍ଡିଚା ମନ୍ଦିରରେ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ପରଂପରା ଅନୁଯାୟୀ ଆଡ଼ପମଣ୍ଡପରେ ଶ୍ରୀବିଗ୍ରହମାନଙ୍କର ବନକ ଲାଗି ନୀତି ଅନୁଷ୍ଠିତ ହୋଇଥିଲା । ହେରାପଞ୍ଚମୀ ଦିନ ମା' ଲକ୍ଷ୍ମୀ ଠାକୁରାଣୀ ଶ୍ରୀମନ୍ଦିରରୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ । ତତ୍‌ପରଦିନ ଶ୍ରୀଗୁଣ୍ଡିଚା ଘରେ ସକାଳଧୂପ ଶେଷ ହେବା ପରେ ଆଜ୍ଞାମାଳ ରଥକୁ ବିଜେ ହୋଇଥିଲା । ଏହାପରେ ୩ ରଥର ଦକ୍ଷିଣମୋଡ଼ ହୋଇ ନାକଚଣା ଦ୍ୱାର ସମ୍ମୁଖରେ ରଥ ଲାଗିଥିଲା । ଗୋଟିଏ ଦିନରେ ତିନି ରଥର ଦକ୍ଷିଣମୋଡ଼ ହୋଇପାରିଥିଲା । ବାହୁଡ଼ା ଯାତ୍ରା ଦିନ ସକାଳ ଘ.୭.୫୫ମି. ସମୟରେ ବାହୁଡ଼ା ପହଣ୍ଡି ବିଜେ  ଆରମ୍ଭ ହୋଇଥିଲା । ଘ.୧୧.୫୦ମି. ସୁଦ୍ଧା ପହଣ୍ଡି ଶେଷ ହେବା ପରେ ଗଜପତି ମହାରାଜା ବିଜେ କରି ରଥ ଉପରେ ଛେରାପହଁରା ନୀତି ସମାପନ କରିଥିଲେ । ଚଳିତ ବର୍ଷ ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଅର୍ଥାତ୍ ଦିବା ଘ.୧.୪୦ମି.ରେ ରଥ ଟଣା ଆରମ୍ଭ ହୋଇ ଏହି ଦିନ ତିନି ରଥ  ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲେ । ପରଦିନ ରଥ ଉପରେ ଶ୍ରୀବିଗ୍ରହମାନଙ୍କ ସୁନାବେଶ ମଧ୍ୟ ସଅଳ ଅନୁଷ୍ଠିତ ହୋଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଦୀର୍ଘ ଦୁଇ ବର୍ଷ ପରେ କୋଭିଡ୍ କଟକଣା ହଟିଯାଇଥିବାରୁ ଶ୍ରୀକ୍ଷେତ୍ରର ପବିତ୍ର ବଡ଼ଦାଣ୍ଡରେ ଲକ୍ଷାଧିକ ଭକ୍ତଙ୍କ ସମାଗମହୋଇ ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ମଧ୍ୟରେ ମହାପ୍ରଭୁଙ୍କ ରଥଯାତ୍ରା ସମ୍ପନ୍ନ ହୋଇଥିଲା । ବିଶେଷ କରି ଶ୍ରୀମନ୍ଦିର ସେବକମାନଙ୍କର କର୍ତ୍ତବ୍ୟପରାୟଣତା ଏବଂ ନିଷ୍ଠାପର ମନୋଭାବ ଯୋଗୁଁ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସୁରୁଖୁରୁରେ ସମ୍ପନ୍ନ ହୋଇପାରିଛି । ଏହି ଅଭୂତପୂର୍ବ ସଫଳତା ପାଇଁ ଶ୍ରୀମନ୍ଦିରର ସମସ୍ତ ସେବକବୃନ୍ଦ, ସେବକ ନିଯୋଗ, ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟବୃନ୍ଦ, ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ, ପୋଲିସ୍ ପ୍ରଶାସନ ଓ ଗଣମାଧ୍ୟମ ପ୍ରତିନିଧିବୃନ୍ଦଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ହେରାପଞ୍ଚମୀ :

ତା ୫.୭.୨୨ ରିଖ ମଙ୍ଗଳବାର ହେରାପଞ୍ଚମୀ ଅବସରରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ମଧ୍ୟାହ୍ନ ଧୂପ ସରିଲା ପରେ ମଇଲମ ହୋଇ ଶାଢ଼ି ଖଣ୍ଡୁଆ ଲାଗି ହୋଇ ସଂଧ୍ୟା ଆଳତି ହୋଇଥିଲା । ଏହାପରେ ମହାପ୍ରଭୁଙ୍କ ବାଡ଼ରେ ମହାସ୍ନାନ ହୋଇ ତିନିବାଡ଼ରେ ସର୍ବାଙ୍ଗ ନୀତି ବଢ଼ି ନୂଆ ଲୁଗା ଲାଗି ଏବଂ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ବଢ଼ିଥିଲା । ଅପରପକ୍ଷରେ ଶ୍ରୀମନ୍ଦିରରେ ଭଣ୍ଡାର ଘର ନିକଟରେ ମହାଲକ୍ଷ୍ମୀଙ୍କର ମାଜଣା, ବନକ ଲାଗି ନୀତି ସରିଲା ପରେ ପାଟଶାଢ଼ୀ ଓ ଅଳଙ୍କାର ଲାଗି ହୋଇ ଠାକୁରାଣୀ ବିମାନକୁ ବିଜେ କରିଥିଲେ । ଶ୍ରୀମନ୍ଦିରରୁ ବଡ଼ଦାଣ୍ଡ ଦେଇ ଗୁଣ୍ଡିଚାଘର ନିକଟରେ ଥିବା ମହାପ୍ରଭୁଙ୍କ ରଥ ନିକଟରେ ବିଜେ ହୋଇଥିଲେ । ସେଠାରେ ପତିମହାପାତ୍ରଙ୍କ ଦ୍ୱାରା ପ୍ରସାଦ ଲାଗି, ବନ୍ଦାପନା ଓ ଚାମର, ଆଲଟ ଲାଗି ନୀତି ହୋଇଥିଲା । ରଥ ନିକଟରୁ ଶ୍ରୀଗୁଣ୍ଡିଚା ମନ୍ଦିର ଜଗମୋହନକୁ ଠାକୁରାଣୀ ବିଜେ ହୁଅନ୍ତେ ମହାପ୍ରଭୁଙ୍କ ବାଡ଼ରୁ ଆଜ୍ଞାମାଳ ପାଇବା ପରେ ସଂଧ୍ୟାଧୂପ ଟେରା ପଡ଼ିଯାଇଥିଲା । ଏହିଠାରୁ ମହାଲକ୍ଷ୍ମୀ ରୋଷ ହୋଇ ନାକଚଣା ଦ୍ୱାର ନିକଟରେ ବିଜେ ହୋଇଥିଲେ । ଏଠାରେ ଭିତରଚ୍ଛ ମହାପାତ୍ରଙ୍କ ଦ୍ୱାରା ବନ୍ଦାପନା ଓ ଦହିପତି ମଣୋହି ନୀତି ହୋଇଥିଲା । ଏହାପରେ ରଥ ନିକଟକୁ ଯାଇ ସେଠାରୁ ହେରାଗୋହିରୀ ସାହି ଦେଇ ବାହୁଡ଼ା ବିଜେ କରିଥିଲେ । ସୂଚନାଯୋଗ୍ୟ ଯେ ହେରାପଞ୍ଚମୀ ପରଦିନ ସକାଳ ଧୂପ ସରିଲେ ରଥ ଦକ୍ଷିଣମୋଡ଼ ନିମନ୍ତେ ଆଜ୍ଞାମାଳ ଦିଆଯାଇଥାଏ ଏବଂ ସଂଧ୍ୟାଧୂପ ସରିଲେ ରାହାସ ନୀତି ଅନୁଷ୍ଠିତ ହୋଇଥାଏ ।

## ରଥ ଉପରେ ଶ୍ରୀବିଗ୍ରହମାନଙ୍କ ସୁନାବେଶ :


ବାହୁଡ଼ା ଯାତ୍ରା ପରଦିନ ତା ୧୦.୭.୨୨ ରିଖ ରବିବାର ରଥ ଉପରେ ଶ୍ରୀବିଗ୍ରହମାନଙ୍କର ବଡ଼ ତଡ଼ାଉ ବେଶ ବା ସୁନାବେଶ ଅନୁଷ୍ଠିତ ହୋଇଥିଲା । ରଥ ଉପରେ ମଧ୍ୟାହ୍ନ ଧୂପ ନୀତି ହେବା ପରେ ମେକାପ ସର୍ବାଙ୍ଗ ହୋଇ ସୁନାବେଶ ସାମଗ୍ରୀମାନ ରଥ ଉପରକୁ ଅଣାଯାଇଥିଲା । ଅପରାହ୍ଣ ଘ.୫.୧୦ମି. ସମୟରେ ବେଶ ଶେଷ ହୋଇଥିଲା ।

## ରଥ ଉପରେ ଶ୍ରୀବିଗ୍ରହମାନଙ୍କ ଅଧରପଣା ନୀତି :

ତା ୧୧.୭.୨୨ ରିଖ ସୋମବାର ମଧ୍ୟାହ୍ନ ଧୂପ ସରିଲା ପରେ ଅଧରପଣା ପାଇଁ ପ୍ରସ୍ତୁତ ଆରମ୍ଭ ହୋଇଥିଲା । ପ୍ରଥମେ ସିଂହଦ୍ୱାରସ୍ଥ କୂପରୁ ପାଣିଆ ଆପଟ ପାଣିଆଣି ରଥ ଉପରେ ରଖିଥିଲେ । ଏହାପରେ ବଡ଼ବାଡ଼ ଅଧର ସମ୍ମୁଖରେ ଭିତରଚ୍ଛ, ମହାପ୍ରଭୁଙ୍କ ବାଡ଼ରେ ତଳିଚ୍ଛ ଏବଂ ମଝିବାଡ଼ରେ ପାଳିଆ ପୁଷ୍ପାଳକ ତିନିଖଣ୍ଡ ନୂଆ ବସ୍ତ୍ର ଧରିଥିଲେ । ଅଧରକୁ ଛୁଉଁଥିବା ହାଣ୍ଡିମାନ ଆସି ରଖାଯିବା ପରେ ପାଳିଆ ମହାସୁଆର ଦ୍ରବ୍ୟମାନ ନେଇ ଅଧରପଣା ପ୍ରସ୍ତୁତ କରିଥିଲେ । ଏହାକୁ ରାଘବଦାସ ମଠ, ଓଡ଼ିଆମଠ ଏବଂ ଷ୍ଟେଟ ଯୋଗାଇଥିଲେ । କ୍ଷୀର, ଛେନା, ସାକର ପ୍ରଭୃତି ଦ୍ରବ୍ୟମାନଙ୍କ ଦ୍ୱାରା ଅଧରପଣା ପ୍ରସ୍ତୁତ ହୋଇଥିଲା । ତିନି ରଥର ପାଳିଆ ପୂଜାପଣ୍ଡା ଆସି ପଞ୍ଚୋପଚାରରେ ଭୋଗ ସରିଲା ପରେ ଉକ୍ତ ହାଣ୍ଡିଗୁଡ଼ିକୁ ଭାଙ୍ଗି ଦିଆଯାଇଥିଲା । ପରେ ପାଣିପଡ଼ି ମୈଲମ ବଢ଼ି ମହାସ୍ନାନ ହୋଇଥିଲା । ମହାସ୍ନାନ ବଢ଼ିଲା ପରେ ମୈଲମ, ବେଶ ହୋଇ ସନ୍ଧ୍ୟାଆଳତି ବଢ଼ି ଅନ୍ୟାନ୍ୟ ନୀତିମାନ ସମାପନ ହୋଇଥିଲା ।

## ରଥାରୂଢ଼ ଶ୍ରୀବିଗ୍ରହମାନଙ୍କ ନୀଳାଦ୍ରି ବିଜେ :

ତା ୧୨.୭.୨୨ ରିଖ ମଙ୍ଗଳବାର ନୀଳାଦ୍ରି ବିଜେ ଅବସରରେ ଦୈନନ୍ଦିନ ନୀତି ପରି ମଙ୍ଗଳା ଆଳତି ଠାରୁ ସନ୍ଧ୍ୟାଧୂପ ପର୍ଯ୍ୟନ୍ତ ନୀତି ସମାପନ ହୋଇଥିଲା । ସନ୍ଧ୍ୟାଧୂପ ସରିଲା ପରେ ଚାରବନ୍ଧା ସମାପନ ହୋଇଥିଲା । ପରେ ମୁଦିରସ୍ତ ପୁଷ୍ପାଞ୍ଜଳୀ, ଡୋରଲାଗି କଲାପରେ କାହାଳିଆ ବିଜେ କାହାଳୀ ବଜାଇଥିଲେ । ଏହାପରେ ଘଣ୍ଟ, ମର୍ଦ୍ଦଳ ପଟୁଆର ମଧ୍ୟରେ ପ୍ରଥମେ ରାମକୃଷ୍ଣ, ମଦନମୋହନ, ମହାଜନ ସେବକମାନଙ୍କ ଦ୍ୱାରା ବାହୁଡ଼ା ବିଜେ କରିଥିଲେ । ଏହାପରେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର, ମା' ସୁଭଦ୍ରା ଦେବୀ ଗୋଟି ପହଣ୍ଡିରେ ଯାଇ ସିଂହାସନରେ ଅଧିଷ୍ଠିତ ହୋଇସାରିଲା ପରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଘର ଉପରକୁ ଆସିଥିଲେ । ମହାପ୍ରଭୁ ଘର ଉପରକୁ ଆସିଲାପରେ ରୋଷ ପରିସରରେ ଥିବା ଘହାଣି ମଣ୍ଡପକୁ ମା' ଲକ୍ଷ୍ମୀ ଆସି ମହାପ୍ରଭୁଙ୍କୁ ଘହାଣି କରିବାରେ ବନ୍ଦାପନା ନୀତି ଉଭୟ ସ୍ଥାନରେ ସମାନ୍ତରାଳ ଭାବେ ଅନୁଷ୍ଠିତ ହୋଇଥିଲା ।



ଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ପତିମହାପାତ୍ର ଏବଂ ମହାଲକ୍ଷ୍ମୀଙ୍କ ନିକଟରେ ଭିତରଚ୍ଛ ମହାପାତ୍ର ଯଥାକ୍ରମେ- କର୍ପୂର ଆଳତି, ଅକ୍ଷତ ବନ୍ଦାପନା, ବଳିତା ଆଳତି, ଘସା ଜଳ ଲାଗି ପରେ ଓ ଲକ୍ଷ୍ମୀ ବାହୁଡ଼ି ଯିବା ପରେ ମହାପ୍ରଭୁ ଘର ତଳକୁ ଓହ୍ଲାଇଥିଲେ । ଜୟବିଜୟ ଦ୍ୱାରା ଠାରେ ପହଞ୍ଚିବା ପରେ ବଚନିକା ଅନୁଷ୍ଠିତ ହୋଇ ରସଗୋଲା ଭୋଗ ପରେ ମହାପ୍ରଭୁ ଭିତରକୁ ବିଜେ ହୁଅନ୍ତେ ବିବାହ ଗଇଁଠାଳ ଫିଟିବା ପରେ ଶ୍ରୀଜଗନ୍ନାଥ ରତ୍ନସିଂହାସନାରୂଢ଼ ହୋଇଥିଲେ । ●

## ଅଗଷ୍ଟ ମାସର ବିଶିଷ୍ଟ ଦିବସ

| | | | |
|---|---|---|---|
| ତା ୬.୮.୨୨ ରିଖ ଶନିବାର | ଶ୍ରୀମନ୍ଦିରରେ ବାଡ଼ି ନୃସିଂହ ବିଜେ | ତା ୨୩.୮.୨୨ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ କାଳୀୟଦଳନ ଏକାଦଶୀ, ଧେନୁକାସୁର ବଧ ପ୍ରସ୍ତାବ |
| ତା ୭.୮.୨୨ ରିଖ ରବିବାର | ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା ଆରମ୍ଭ | ତା ୨୪.୮.୨୨ ରିଖ ବୁଧବାର | ଶ୍ରୀମନ୍ଦିରରେ ପ୍ରଳମ୍ବାସୁର ବେଶ |
| ତା ୮.୮.୨୨ ରିଖ ସୋମବାର | ଶ୍ରୀମନ୍ଦିରରେ ପୁତ୍ରଦା ଏକାଦଶୀ | ତା ୨୫.୮.୨୨ ରିଖ ଗୁରୁବାର | ଶ୍ରୀମନ୍ଦିରରେ କୃଷ୍ଣ ବଳରାମ ବେଶ, ଅନ୍ନପ୍ରଥା |
| ତା ୧୨.୮.୨୨ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ବଳଭଦ୍ର ଜନ୍ମ ଓ ରାକ୍ଷୀ ଲାଗି | ତା ୨୬.୮.୨୨ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ସାତପୁରୀ ତାଡ଼ ବିଜେ |
| ତା ୧୩.୮.୨୨ ରିଖ ଶନିବାର | ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା ଶେଷ | ତା ୨୭.୮.୨୨ ରିଖ ଶନିବାର | ଶ୍ରୀମନ୍ଦିରରେ ସାତପୁରୀ ଅମାବାସ୍ୟା ଓ ବସ୍ତ୍ରହରଣ ଲୀଳା |
| ତା ୧୬.୮.୨୨ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ରାହୁରେଖା ଲାଗି | ତା ୨୮.୮.୨୨ ରିଖ ରବିବାର | ଶ୍ରୀମନ୍ଦିରରେ ଦାବାଗ୍ନୀ ଲୀଳା |
| ତା ୧୭.୮.୨୨ ରିଖ ବୁଧବାର | ଶ୍ରୀମନ୍ଦିରରେ ଗର୍ଭଉଦକ ବନ୍ଦାପନା, ଯେଉଟ ଭୋଗ | ତା ୨୯.୮.୨୨ ରିଖ ସୋମବାର | ଶ୍ରୀମନ୍ଦିରରେ ନିକୁଞ୍ଜ ଲୀଳା |
| ତା ୧୮.୮.୨୨ ରିଖ ଗୁରୁବାର | ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀ | ତା ୩୦.୮.୨୨ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ଅନ୍ଧ ଲୀଳା ଓ ବାଲି ତୃତୀୟା |
| ତା ୧୯.୮.୨୨ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ନନ୍ଦୋତ୍ସବ | ତା ୩୧.୮.୨୨ ରିଖ ବୁଧବାର | ଶ୍ରୀମନ୍ଦିରରେ ଶ୍ରୀଗଣେଶ ଚତୁର୍ଥୀ |
| ତା ୨୨.୮.୨୨ ରିଖ ସୋମବାର | ଶ୍ରୀମନ୍ଦିରରେ ବନଭୋଜି ବେଶ, କୋଳି ବିକା, ବକାସୁର ବଧ ପ୍ରସ୍ତାବ ଓ ଅର୍ଘାସୁର ବଧ ପ୍ରସ୍ତାବ | | |

ପୂର୍ବ ପ୍ରକାଶିତ ଉତ୍ତାରୁ ....

# ଶ୍ରୀମନ୍ଦିରରେ ବିଜେ ପ୍ରତିମା

## (୧) ଶ୍ରୀମଦନମୋହନ

ଶ୍ରୀମନ୍ଦିରରେ ପ୍ରତ୍ୟେକ ଗୁରୁବାର ଦିନ ରାତ୍ରିରେ ଶ୍ରୀମଦନମୋହନ ଓ ଶ୍ରୀଦେବୀଙ୍କର ଏକାନ୍ତ ନୀତି ବିଧି ଅନୁଯାୟୀ ଅନୁଷ୍ଠିତ ହୋଇଥାଏ । କିନ୍ତୁ କେତେକ ବିଶେଷ ତିଥିରେ ଗୁରୁବାର ଦିନ ଏକାନ୍ତ ନୀତି ଅନୁଷ୍ଠିତ ହୁଏ ନାହିଁ । ଭାଦ୍ରବ କୃଷ୍ଣ ଅଷ୍ଟମୀ ବା ଜନ୍ମାଷ୍ଟମୀଠାରୁ ଭାଦ୍ରବ ଶୁକ୍ଳ ଦଶମୀ (କଂସବଧ) ପର୍ଯ୍ୟନ୍ତ ଗୁରୁବାରରେ ଏକାନ୍ତ ନୀତି ହୁଏ ନାହିଁ । ଗୁରୁବାର ଏକାଦଶୀ ପଡ଼ିଲେ ଏକାନ୍ତ ହୁଏ ନାହିଁ । କୁମାରପୂର୍ଣ୍ଣିମା ଠାରୁ ୭ଦିନ ମଧ୍ୟରେ ଯେଉଁ ଗୁରୁବାର ପଡ଼େ, ସେଦିନ ଏକାନ୍ତ ହୁଏ ନାହିଁ । ଶ୍ରୀରାମ ନବମୀ ପରେ ସୀତାଘେରୀ ଠାରୁ ପୁଷ୍ୟାନକ୍ଷତ୍ରରେ ଅଭିଷେକ ପର୍ଯ୍ୟନ୍ତ ଏକାନ୍ତ ନୀତି କରାଯାଏ ନାହିଁ । ସ୍ନାନପୂର୍ଣ୍ଣିମା ଠାରୁ ଠାକୁରମାନେ ରଥରୁ ରତ୍ନସିଂହାସନକୁ ଫେରିବା ପର୍ଯ୍ୟନ୍ତ ଗୁରୁବାର ଦିନ ଏକାନ୍ତ ନୀତି ହୁଏ ନାହିଁ । (ଆଶ୍ୱିନ କୃଷ୍ଣ ଅଷ୍ଟମୀ) ସହସ୍ରକୁମ୍ଭ ଅଭିଷେକ ଠାରୁ ଦଶହରା ପର୍ଯ୍ୟନ୍ତ ଗୁରୁବାର ନୀତି (ଏକାନ୍ତ) ହୁଏ ନାହିଁ । ଚନ୍ଦନଯାତ୍ରା ୨୧ ଦିନ (ଅକ୍ଷୟ ତୃତୀୟାଠାରୁ ହଳଦିପାଣି ପର୍ଯ୍ୟନ୍ତ) ଚନ୍ଦନ ବେଢ଼ାରେ ମାଜଣା ହୁଏ ଓ ଚନ୍ଦନରୁ ଫେରିଲେ ଏକାନ୍ତ ହୁଏ । ଚନ୍ଦନରୁ ବାହୁଡ଼ିଲେ ଶ୍ରୀମଦନମୋହନ ଓ ଶ୍ରୀଦେବୀ ଏକାନ୍ତକୁ ବିଜେ କରନ୍ତି । ଭୂଦେବୀ ବିମାନରୁ ହାତରେ ବିଜେ ହୋଇ ଭିତରକୁ ଯାଆନ୍ତି । ନନ୍ଦୋତ୍ସବ ଓ ଦୟଣାଘେରୀ (ଦମନକ ଚତୁର୍ଦ୍ଦଶୀ)ରେ ଗୁରୁବାର ନୀତି ହୁଏ ନାହିଁ ।



ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଦୈନନ୍ଦିନ ସ୍ନାନାଦିକର୍ମ ବା ଅବକାଶ ସମୟରେ ଶ୍ରୀମନ୍ଦିର ଜ୍ୟୋତିଷ 'ଖୁରିନାଏକ' ସେବକ ପ୍ରତିଦିନର ରାଶି ନକ୍ଷତ୍ର ମହାପ୍ରଭୁଙ୍କ ସମ୍ମୁଖରେ ପାଠ କରି ସେଦିନଟି କିପରି କଟିବ ତାହା ଶୁଣାଇଥାନ୍ତି । ଶ୍ରୀବଳଭଦ୍ରଙ୍କର ରାଶି ନକ୍ଷତ୍ର ଶ୍ରବଣା ମକର, ଶ୍ରୀଜଗନ୍ନାଥଙ୍କର ରୋହିଣୀ ବୃଷ ଓ ମା' ସୁଭଦ୍ରାଙ୍କର ଜ୍ୟେଷ୍ଠା ବିଛା ଅଟେ । ଯେଉଁଦିନ ଠାକୁରଙ୍କର ଜନ୍ମ ନକ୍ଷତ୍ର ପଡ଼େ, ସେହିଦିନ ନକ୍ଷତ୍ର ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥାଏ । ନକ୍ଷତ୍ର ପଡ଼ିବା ଦିନ ମଧ୍ୟାହ୍ନ ଧୂପ ଉଠିଲେ ଶ୍ରୀମଦନମୋହନ ସିଂହାସନକୁ ବିଜେ ହୁଅନ୍ତି । ଧୂପ ବଢ଼ିବା ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ତିନି ଠାକୁରଙ୍କୁ କର୍ପୂର ଆଳତି ଓ ବନ୍ଦାପନା କରିଥାନ୍ତି । ପାଳିଆ ପୂଜାପଣ୍ଡା ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଶ୍ରୀମଦନମୋହନଙ୍କୁ ଦିଅନ୍ତି । ଶ୍ରୀମଦନମୋହନ ଆଜ୍ଞାମାଳ ପାଇବା ପରେ ମହାଜନ ସେବକମାନେ ତାଙ୍କୁ ମୁକ୍ତିମଣ୍ଡପ ତଳେ ଥିବା ପାଲିଙ୍କିରେ ବିଜେ କରାନ୍ତି । ବିମାନବଡୁ ସେବକମାନେ ପାଲିଙ୍କିକୁ ସ୍କନ୍ଧରେ ବହନ କରି ବେଢ଼ା ବୁଲିଥାନ୍ତି । ପାଲିଙ୍କି ପୂଜାପଣ୍ଡା ନିଯୋଗ ସମ୍ମୁଖରେ ରହିବା ପରେ ମହାଜନ ସେବକମାନେ ଶ୍ରୀମଦନମୋହନଙ୍କୁ ନେଇ ଜୟବିଜୟ ଦ୍ୱାରଠାରେ ବିଜେ କରାଇଥାନ୍ତି । ଜୟବିଜୟ ଦ୍ୱାର ଭିତରପଟୁ ବନ୍ଦ ହୁଏ । ବାହାରପଟେ ଆସନ ଉପରେ ଠାକୁରଙ୍କୁ ଭୋଗଦେଇ କର୍ପୂର ଆଳତି, ବତି ଆଳତି ପରେ ଦ୍ୱାର ଖୋଲିଲେ ଶ୍ରୀମଦନମୋହନ ଦକ୍ଷିଣଘରକୁ ବିଜେ କରନ୍ତି ।

ଶ୍ରୀମନ୍ଦିରରେ ପ୍ରତ୍ୟେକ ଏକାଦଶୀ ଦିନ ସନ୍ଧ୍ୟା ଆଳତି ପରେ ସ୍ୱତନ୍ତ୍ର ଏକାଦଶୀ ନୀତି ଅନୁଷ୍ଠିତ ହୋଇଥାଏ । ପ୍ରତ୍ୟେକ ଏକାଦଶୀରେ ମଧ୍ୟାହ୍ନ ଧୂପ ସରି ମଇଲମ ହେବା ପରେ ଶାଢ଼ୀ, ଖଣ୍ଡୁଆ ଲାଗି ହୋଇଥାଏ । ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ଓ ପୁଷ୍ପାଳକ ସେବକମାନେ ସର୍ବାଙ୍ଗ ଚନ୍ଦନ ଲାଗି କରିଥାନ୍ତି । ସର୍ବାଙ୍ଗ ପୂର୍ବରୁ ମହାଜନ ସେବକମାନେ ଦକ୍ଷିଣ ଘରୁ ଶ୍ରୀମଦନମୋହନଙ୍କୁ ରତ୍ନସିଂହାସନ ଉପରେ ବିଜେ କରାଇଥାନ୍ତି । ଶ୍ରୀମଦନମୋହନ ଶ୍ରୀଜଗନ୍ନାଥଙ୍କ ଠାରୁ ଆଜ୍ଞାମାଳ ପାଇ ମୁକ୍ତିମଣ୍ଡପ ତଳେ ଥିବା ପାଲିଙ୍କିରେ ବିଜେ ହୋଇ ବଡ଼ଦେଉଳକୁ ବେଢ଼ାଏ ବୁଲି ମଙ୍ଗଳାଙ୍କ ନିକଟରେ ପାଲିଙ୍କି ରହିବା ପରେ ସେଠାରୁ ହାତରେ ଜୟବିଜୟ ଦ୍ୱାରକୁ ବିଜେ ହୁଅନ୍ତି । ଜୟବିଜୟ ଦ୍ୱାରଠାରେ ବିଜେ କରିବା ପରେ କୋରାଭୋଗ, ଆଳତି, ବନ୍ଦାପନା ଇତ୍ୟାଦି ନୀତି ସମ୍ପନ୍ନ ହେଲା ପରେ ଶ୍ରୀମଦନମୋହନ ଦକ୍ଷିଣ ଘରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ରୁକ୍ମିଣୀହରଣ ଏକାଦଶୀ ଠାରୁ ଆଷାଢ଼ ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ତିନିଗୋଟି ଏକାଦଶୀ, ଚନ୍ଦନଯାତ୍ରା ସମୟରେ ବୈଶାଖ ଶୁକ୍ଳ ଏକାଦଶୀ ଓ ଫାଲଗୁନ୍ ଶୁକ୍ଳ ଏକାଦଶୀ ଏହିପରି ମୋଟ ୫ ଦିନ ସାଧାରଣ ଏକାଦଶୀ ନୀତି ଭଳି ହୁଏ ନାହିଁ ।

ସୋମବାର ଦିନ ପଡୁଥିବା ଏକାଦଶୀକୁ ଶମ୍ଭୁ ଏକାଦଶୀ କୁହାଯାଏ । ମହାପ୍ରଭୁଙ୍କର ବଲ୍ଲଭ ଭୋଗ ସରିବା ପରେ ଭଣ୍ଡାର ଲୋକନାଥ ତାଙ୍କ ପାଲିଙ୍କିରେ ଶ୍ରୀଲୋକନାଥ ମନ୍ଦିରକୁ ଯାଆନ୍ତି । ଦ୍ୱିପ୍ରହର ଧୂପ ସରିବା ପରେ ଶ୍ରୀମଦନମୋହନ ଆଜ୍ଞାମାଳ ପାଇ ଶ୍ରୀମନ୍ଦିରକୁ ବେଢ଼ାଏ ବୁଲି ପାଲିଙ୍କିରେ ଶ୍ରୀଲୋକନାଥ ମନ୍ଦିରକୁ ଯାଆନ୍ତି । ପୂଜାପଣ୍ଡା ସେବକ ଶ୍ରୀଲୋକନାଥ ମନ୍ଦିରରେ ଶ୍ରୀବାନାମ୍ବର ଗମ୍ଭୀରାରେ ଉଭୟ ଶ୍ରୀମଦନମୋହନ ଓ ଶ୍ରୀଲୋକନାଥଙ୍କ ନିକଟରେ ଭୋଗ କରନ୍ତି । ଆଳତି ବନ୍ଦାପନା ପରେ ଦୁଇ ଠାକୁର ଏକତ୍ର ଶ୍ରୀମଦନମୋହନ ଯାଇଥିବା ପାଲିଙ୍କିରେ ବିଜେ ହୋଇ ପଶ୍ଚିମ ଦ୍ୱାର ଦେଇ ଶ୍ରୀମନ୍ଦିରସ୍ଥ ବଟମଙ୍ଗଳାଙ୍କ ପାଖକୁ ଆସନ୍ତି । ମହାଜନ ସେବକମାନେ ସେଠାରୁ ହାତରେ ଠାକୁରମାନଙ୍କୁ ଜୟବିଜୟ ଦ୍ୱାରକୁ ଆଣିଲେ, ସେହି ଦ୍ୱାର ବନ୍ଦ ହୁଏ । ଭୋଗ, ବନ୍ଦାପନା, ଆଳତି ପ୍ରଭୃତି ସରି ଦ୍ୱାର ଖୋଲିଲେ ଉଭୟ ଠାକୁର ସ୍ୱ ସ୍ୱ ସ୍ଥାନକୁ ବାହୁଡ଼ା ବିଜେ କରିଥାନ୍ତି । ଚନ୍ଦନ ଯାତ୍ରାରେ ଓ ରୁକ୍ମିଣୀ ହରଣରେ ଶମ୍ଭୁ ଏକାଦଶୀରେ ଶ୍ରୀମଦନମୋହନ ଅନ୍ୟ ଯାତ୍ରାରେ ସଂପୃକ୍ତ ଥିବାରୁ ଶ୍ରୀଲୋକନାଥ ମନ୍ଦିରକୁ ଯାଆନ୍ତି ନାହିଁ, ଏହି ନୀତି ଶ୍ରୀମନ୍ଦିରର ଜୟବିଜୟ ଦ୍ୱାର ଠାରେ ଅନୁଷ୍ଠିତ ହୋଇଥାଏ ।

*ଡଃ. ନରେଶ ଚନ୍ଦ୍ର ଦାଶ*

● *ମହାସଚିବ, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ*



ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ତିନି ରଥ

# ରଥଯାତ୍ରା - ୨୦୨୨












# ଶ୍ରୀଜଗନ୍ନାଥ ଧର୍ମଧାରା

ବ୍ରହ୍ମପୁରାଣ ପ୍ରଭୃତିରେ ଉତ୍କଳଦେଶକୁ ଅତି ପବିତ୍ର ଓ ଏହାର ଅଧିବାସୀମାନଙ୍କୁ ସଦାଚାରୀ ଓ ଧର୍ମପରାୟଣ ବୋଲି ବର୍ଣ୍ଣନା କରାଯାଇଛି । ତେଣୁ ବହୁ ପ୍ରାଚୀନକାଳରୁ ଏହି ରାଜ୍ୟରେ ବୈଦିକ ଧର୍ମ ଓ ବୈଦିକ ଦେବଦେବୀମାନଙ୍କର ପୂଜା ପ୍ରଚଳିତ ଥିବା ଜଣାଯାଏ । ପରେ ପରେ ବୌଦ୍ଧଧର୍ମ ଓ ଜୈନଧର୍ମ ମଧ୍ୟ ଏହି ରାଜ୍ୟରେ ପ୍ରବେଶ କରିଥିଲା । ଐତିହାସିକ ଦୃଷ୍ଟିରୁ ଦେଖିଲେ ଖ୍ରୀଷ୍ଟୀୟ ଷଷ୍ଠ, ସପ୍ତମ ଶତାବ୍ଦୀରେ ଓଡ଼ିଶାରେ ମାଧବ ଉପାସନାର ପ୍ରଚଳନ ଓ ପ୍ରତିଷ୍ଠା କାଳରେ ନୀଳମାଧବ ରୂପରେ ଜଗନ୍ନାଥଙ୍କର ଉପାସନା ଆରମ୍ଭ ହୋଇଥିବା ବିଶ୍ୱାସ କରାଯାଏ । ପରେ ପରେ ବୌଦ୍ଧଧର୍ମର ପ୍ରଭାବରେ ତାଙ୍କର ଉପାସନା ପଦ୍ଧତିରେ କେତେକ ପରିବର୍ତ୍ତନ ଘଟିଥିଲା । ବୌଦ୍ଧତନ୍ତ୍ରର ବିକାଶ ସାଧନ କାଳରେ ଜଗନ୍ନାଥ ବଜ୍ରଯାନୀ ମହାବୁଦ୍ଧ ନାମରେ ମଧ୍ୟ ପରିଚିତ ହୋଇଥିଲେ ।



ଖ୍ରୀଷ୍ଟୀୟ ନବମ ଶତାବ୍ଦୀରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏହି କ୍ଷେତ୍ରକୁ ଆସିଥିଲେ । ସେ ଜୀବ ଓ ବ୍ରହ୍ମ ବିଷୟରେ ଅଦ୍ୱୈତବାଦର ପ୍ରବକ୍ତା ଥିଲେ ମଧ୍ୟ ଜୀବର ବ୍ରହ୍ମତ୍ୱ ପ୍ରାପ୍ତି ନିମନ୍ତେ ଚିତ୍ତଶୁଦ୍ଧି, ବେଦ ସମ୍ମତ ଧର୍ମାନୁସରଣ ଓ ପଞ୍ଚଦେବ ଉପାସନା ପ୍ରତି ଗୁରୁତ୍ୱ ଦେଇଥିଲେ । ସେ ଭାରତର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ କରି ଲୁପ୍ତ ଦେବପୀଠ ଗୁଡ଼ିକର ଉଦ୍ଧାର କରିଥିଲେ ଓ ବୌଦ୍ଧମାନଙ୍କୁ ପରାସ୍ତ କରି ସ୍ମାର୍ତ୍ତ ମତରେ ଏହି ପୀଠଗୁଡ଼ିକରେ ଦେବ ଉପାସନା ଚଳାଇଥିଲେ । ଶ୍ରୀକ୍ଷେତ୍ରରେ ସେ ଏହା ହିଁ କରିଥିଲେ । ଶଙ୍କରାଚାର୍ଯ୍ୟ ଓଡ଼ିଶା ଆସିବା ବେଳେ ଯଯାତିକେଶରୀ ଓଡ଼ିଶାର ରାଜା ଥିଲେ । ସେ ତାଙ୍କୁ ସ୍ୱାଗତ କରିଥିଲେ । ପରେ ଯଯାତି ସୋନପୁରରେ ପାତାଳି ଥିବା ଜଗନ୍ନାଥଙ୍କ ମୂର୍ତ୍ତିକୁ ଉଦ୍ଧାର କରି ପୁରୀ ଆଣିଥିଲେ । ସେ ଏଠାରେ ଗୋଟିଏ ମନ୍ଦିର ତୋଳାଇବା ପରେ ଶଙ୍କରାଚାର୍ଯ୍ୟ, ମହାଦେବ, ଯୋଗମାୟା, ପୁରୁଷୋତ୍ତମ ଓ ସୁଦର୍ଶନଙ୍କୁ ତହିଁରେ ପ୍ରତିଷ୍ଠା କରିବା ପାଇଁ ଯଯାତିଙ୍କୁ ପରାମର୍ଶ ଦେଇଥିଲେ । ପୁଣି ସେ ବଳଭଦ୍ର ଓ ସୁଭଦ୍ରାଙ୍କ ପାଇଁ ବିଷ୍ଣୁଶିଳା ଆଣିବା ପାଇଁ ତାଙ୍କ ଶିଷ୍ୟ ଭାରତୀଙ୍କୁ ନେପାଳ ରାଜା ଶଙ୍କରଦେବଙ୍କ ପାଖକୁ ପଠାଇଥିଲେ ଓ ନେପାଳ ରାଜା ତାହା ଆନନ୍ଦରେ ପ୍ରଦାନ କରିଥିଲେ । ତାହା ପରେ ଶଙ୍କରାଚାର୍ଯ୍ୟ ଚତୁର୍ଦ୍ଧାମୂର୍ତ୍ତି ଜଗନ୍ନାଥଙ୍କ ସେବାପୂଜାର ସ୍ମାର୍ତ୍ତସମ୍ମତ ବ୍ୟବସ୍ଥାମାନ ପ୍ରଚଳନ କରିଥିଲେ । ଏହା ପରଠାରୁ ଉଭୟ ଶଙ୍କରାଚାର୍ଯ୍ୟ ଓ ନେପାଳ ରାଜାଙ୍କ ବଂଶଧରମାନେ ଜଗନ୍ନାଥଙ୍କ ସେବା କରିବାର ବିଶେଷ ଅଧିକାର ପାଇ ଆସୁଛନ୍ତି । ଶଙ୍କରାଚାର୍ଯ୍ୟ ବହୁବର୍ଷ ପର୍ଯ୍ୟନ୍ତ ମୁକ୍ତିମଣ୍ଡପର ସଭାପତି ହୋଇ ଜଗନ୍ନାଥଙ୍କର ବିଧିବିଧାନର ନିର୍ଦ୍ଦେଶ ଦେବା, ସେବକମାନଙ୍କର ସେବା ଯୋଗ୍ୟତା ପରୀକ୍ଷା କରିବା ପ୍ରଭୃତି ଜଣାଯାଏ ।

ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀରେ ବିଶିଷ୍ଟାଦ୍ୱୈତବାଦର ଅନ୍ୟତମ ପ୍ରବକ୍ତା ରାମାନୁଜାଚାର୍ଯ୍ୟ ମଧ୍ୟ ପୁରୀ ଆସିଥିଲେ । ସେ ସମୟରେ ଚୋଡ଼ଗଙ୍ଗଦେବ ଓଡ଼ିଶାର ରାଜା ହୋଇଥାନ୍ତି । ତାଙ୍କର ପ୍ରଭାବରେ ଚୋଡ଼ଗଙ୍ଗ ବୈଷ୍ଣବ ଧର୍ମ ଗ୍ରହଣ କରି ଜଗନ୍ନାଥଙ୍କ ମନ୍ଦିରକୁ ଆଉଥରେ ନିର୍ମାଣ କରିଥିବା ଐତିହାସିକମାନଙ୍କ ଠାରୁ ଜଣାଯାଏ । ରାମାନୁଜ ପାଞ୍ଚରାତ୍ର ଆଗମ ପଦ୍ଧତିରେ ଜଗନ୍ନାଥଙ୍କର ସେବାପୂଜା ଚଳାଇବାକୁ ବହୁତ ଉଦ୍ୟମ କରି ବିଫଳ ହୋଇଥିବା ମଧ୍ୟ ଜଣାଯାଏ । ପରେ ପରେ ଓଡ଼ିଶାରେ ଗଙ୍ଗବଂଶର ରାଜାମାନେ ରାଜତ୍ୱ କରୁଥିବା ସମୟରେ ହିଁ ଭାରତର ଅନ୍ୟାନ୍ୟ ବୈଷ୍ଣବ ସଂପ୍ରଦାୟର ଆଚାର୍ଯ୍ୟ ତଥା ସନ୍ଥମାନେ ଏହି କ୍ଷେତ୍ରକୁ ଆସିଥିବା କୁହାଯାଏ । ସେମାନଙ୍କ ମଧ୍ୟରେ ବିଷ୍ଣୁସ୍ୱାମୀ, ନିମ୍ବାର୍କାଚାର୍ଯ୍ୟ, ବଲ୍ଲଭାଚାର୍ଯ୍ୟ, ମଧ୍ୱାଚାର୍ଯ୍ୟଙ୍କର ପ୍ରଶିଷ୍ୟ ନରହରି ତୀର୍ଥ, ଗୁରୁ ନାନକ, କବୀର, ତୁଳସୀ ଦାସ, ମୀରାବାଈ ପ୍ରଭୃତିଙ୍କର ନାମ ଉଲ୍ଲେଖଯୋଗ୍ୟ । ନରହରି ତୀର୍ଥ କିଛି ବର୍ଷ ଏହି ରାଜ୍ୟରେ ରହି ଶାସନ କାର୍ଯ୍ୟରେ ସହୟତା କରିଥିଲେ । ବିଶିଷ୍ଟାଦ୍ୱୈତ ସଂପ୍ରଦାୟର ଉଭୟ ରାମାନୁଜ ଓ ରାମାନନ୍ଦ ଶାଖାର ଆଚାର୍ଯ୍ୟ, ସନ୍ଥ, ସନ୍ନ୍ୟାସୀମାନେ ବହୁ ସଂଖ୍ୟାରେ ଏହି କ୍ଷେତ୍ରକୁ ଆଗମନ କରିଥିଲେ । ସେମାନଙ୍କ ଦ୍ୱାରା ସ୍ଥାପିତ ବିଭିନ୍ନ ମଠ ଏହାର ଜ୍ୱଳନ୍ତ ପ୍ରମାଣ ।

(କ୍ରମଶଃ...)

● *(ସୌଜନ୍ୟ- ଶ୍ରୀକ୍ଷେତ୍ର ପରିଚୟ (ପୁସ୍ତକ), ଶ୍ରୀମନ୍ଦିର ପ୍ରକାଶନ, ପୁରୀ)*

## ଜାଣିବା କଥା ... ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିରରେ 'ଗୋଲକ ବିଶ୍ରାମ' କହିଲେ କ'ଣ ବୁଝାଯାଏ ?
ଉ - ନବକଳେବର ସମୟରେ ବ୍ରହ୍ମ ପରିବର୍ତ୍ତନ ପରେ ପୁରୁଣା ବିଗ୍ରହମାନଙ୍କୁ ଶ୍ରୀମନ୍ଦିରର କୋଇଲି ବୈକୁଣ୍ଠ ଦେବ ଶ୍ମଶାନରେ ଶିଆଳି ଲଟା ତଳେ ସମାଧି ଦିଆଯାଏ । ଏହାକୁ ବିଗ୍ରହମାନଙ୍କର ଗୋଲକ ବିଶ୍ରାମ ବୋଲି କୁହାଯାଏ ।

୨. ପ୍ର - ଶ୍ରୀମନ୍ଦିରରେ 'ଘଟ' କ'ଣ ଗୁରୁତ୍ୱ ବହନ କରିଥାଏ ?
ଉ - ଘଟ ଅର୍ଥ- କଳସ, ମାଠିଆ, କୁମ୍ଭ, ଗଜକପୋଳ, ମସ୍ତକ, ମସ୍ତିଷ୍କ, ଶରୀର, ପ୍ରାଣ, ଜୀବନ । ଯେକୌଣସି ପୂଜା ପାଇଁ ଘଟ ବା କୁମ୍ଭର ଆବଶ୍ୟକତା ପଡ଼ିଥାଏ । ଶ୍ରୀମନ୍ଦିରରେ ରଥ ପ୍ରତିଷ୍ଠା, ନବକଳେବର ବେଳେ ଦାରୁ ସଂଗ୍ରହ, ଦାରୁ ପ୍ରତିଷ୍ଠା, ଯଜ୍ଞ, ହୋମ ପ୍ରଭୃତିରେ ପ୍ରଥମେ ଘଟ ସ୍ଥାପନ କରାଯାଇ ପୂଜା କରାଯାଏ ।

୩. ପ୍ର - ଶ୍ରୀମନ୍ଦିରରେ 'ଘଟୁଆରୀ ସେବା' କହିଲେ କ'ଣ ବୁଝାଯାଏ ?
ଉ - ଶ୍ରୀମହାପ୍ରଭୁଙ୍କ ରଥ, ଚନ୍ଦନ ଯାତ୍ରା ଏବଂ ଦୈନନ୍ଦିନ ନୀତିରେ ଚନ୍ଦନ ଘୋରି ଯୋଗାଇବା ଏବଂ ଚନ୍ଦନ ଧୂପ, ଛେରାପହଁରା ସମୟରେ ଧୂପ, ଗୁଣ୍ଡ ଚନ୍ଦନ ଧୂପ ଦେବା ଇତ୍ୟାଦି କାର୍ଯ୍ୟ ।

୪. ପ୍ର - ଶ୍ରୀମନ୍ଦିରରେ 'ଘଣ୍ଟ'ର ଭୂମିକା କ'ଣ ?
ଉ - ଏହା ଏକ ବାଦ୍ୟ ବିଶେଷ । ଶ୍ରୀମନ୍ଦିରରେ ଦୈନିକ ନୀତି ଓ ବିଭିନ୍ନ ପୂଜା ସମୟରେ ଘଣ୍ଟ ବାଦ୍ୟ ହୋଇଥାଏ ।

୫. ପ୍ର - ଶ୍ରୀମନ୍ଦିରରେ 'ଘଣ୍ଟଛତା ଭୋଗ' କହିଲେ କ'ଣ ବୁଝାଏ ?
ଉ - ଶ୍ରୀମନ୍ଦିରରେ ଘଣ୍ଟଛତା ଓ କାହାଳୀ ସହିତ ଆଗରେ ତଳିଚ୍ଛ ଓ ପ୍ରଧାନୀଙ୍କ ହାତ ପଇଠରେ କେତେକ ବିଶେଷ ଦିନରେ ନିଆଯାଉଥିବା ଭୋଗ ବା ନୈବେଦ୍ୟ ।

୬. ପ୍ର - ଶ୍ରୀମନ୍ଦିରରେ 'ଘଣ୍ଟି' ର ବ୍ୟବହାରିକତା କ'ଣ ?
ଉ - ପୂଜାରେ ବ୍ୟବହୃତ ବେଣ୍ଟଲଗା ବାଦ୍ୟ ବିଶେଷ । ଶ୍ରୀମନ୍ଦିରର ବିଭିନ୍ନ ପୂଜା, ହୋମଯଜ୍ଞ ପ୍ରଭୃତିରେ ଏହା ବ୍ୟବହାର ହୋଇଥାଏ ।

୭. ପ୍ର- ଶ୍ରୀମନ୍ଦିର ପୂଜା ପଦ୍ଧତିରେ 'ଘଷାଜଳ'ର ଭୂମିକା କ'ଣ ?
ଉ- ଚନ୍ଦନ, ଜାଇଫଳ ମିଶ୍ରିତ ଜଳ, ଶ୍ରୀବିଗ୍ରହଙ୍କ ଠାରେ ମଣୋହି ପରେ ବିଡ଼ିଆ ଓ ଘଷାଜଳ ଅର୍ପଣ ଏକ ରାଜକୀୟ ରୀତି ।

୮. ପ୍ର- ଶ୍ରୀକ୍ଷେତ୍ରରେ 'ଘାଟ ଗୁମାସ୍ତା'ଙ୍କ ଭୂମିକା କ'ଣ ?
ଉ- ପୂର୍ବେ ପୁରୀ ଯାତ୍ରୀଙ୍କ ଠାରୁ ଘାଟମାନଙ୍କରେ ଘାଟ ପାଉଣା ସଂଗ୍ରହ କରୁଥିବା ଯାତ୍ରୀ ଗୁମାସ୍ତାଙ୍କୁ ବୁଝାଏ ।

୯. ପ୍ର- ଶ୍ରୀମନ୍ଦିରରେ 'ଘିଅ ପାଳିଆ ମେକାପ'ଙ୍କ କାର୍ଯ୍ୟ କ'ଣ ଗୁରୁତ୍ୱ ବହନ କରିଥାଏ ?
ଉ- ଶ୍ରୀମନ୍ଦିରରେ ଆଳତି ନିମନ୍ତେ ଯେଉଁ ସେବକ ଘିଅ ରଖିଥାନ୍ତି ।

● *ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

*ଯୁଗେ ଯୁଗେ ରଥଯାତ୍ରା ...*

## ପରିଶିଷ୍ଟ - 'ଖ'

*ପୂର୍ବ ପ୍ରକାଶିତ ଉତ୍ତାରୁ ...*

### (୪)- ୧୯୨୬ ମସିହା ପୁରୀ ରଥଯାତ୍ରା

(ଅମୃତ ବଜାର ପତ୍ରିକା, ଜୁଲାଇ ୨୦ ତାରିଖ)

କଟକ, ଜୁଲାଇ - ୧୭- (ନିଜ ପ୍ରତିନିଧିଙ୍କ ଠାରୁ) ପୁରୀ ଠାରେ ରଥଯାତ୍ରା ବଙ୍ଗଳା ପରି ରବିବାର ଦିନ ନ ହୋଇ ଗତ ସୋମବାର ଦିନ ଅନୁଷ୍ଠିତ ହୋଇଥିଲା । ସବୁବର୍ଷ ଭଳି ଏବର୍ଷ ମଧ୍ୟ ଯାତ୍ରୀମାନଙ୍କର ଭୀଡ଼ ହୋଇଥିଲା ଏବଂ ପ୍ରତିଷେଧକ ବ୍ୟବସ୍ଥା ସତ୍ତ୍ୱେ ହଇଜା ବ୍ୟାପୀ ଯାଇଥିଲା ।

ବଳରାମ, ସୁଭଦ୍ରା ଏବଂ ଜଗନ୍ନାଥ ମନ୍ଦିର ମଧ୍ୟରୁ ନିଜ ନିଜର ରଥକୁ ବିଜେ ହେବା ସମୟରେ ବିଷ୍ଣୁଙ୍କ ଚଳନ୍ତି ପ୍ରତିମା ଭାବରେ ସ୍ୱୀକୃତ ପୁରୀର ଗଜପତି ମହାରାଜା ମନ୍ଦିର ମଧ୍ୟରେ ପ୍ରାୟ ତିନି ଘଣ୍ଟା ଉପସ୍ଥିତ ଥିଲେ । ମନ୍ଦିରରୁ ରଥକୁ ଠାକୁରମାନଙ୍କର ଝୁଲି ଝୁଲି ବିଜେ ହେବାର ପଦ୍ଧତିକୁ ସ୍ଥାନୀୟ ଭାଷାରେ 'ପହଣ୍ଡି' କୁହାଯାଇଥାଏ । ବହୁ ସଂଖ୍ୟାରେ ଉତ୍କଣ୍ଠିତ ଦର୍ଶକ ପ୍ରଚଣ୍ଡ ରୌଦ୍ରତାପରେ ବଡ଼ଦାଣ୍ଡ, କୋଠାଛାତ, ମନ୍ଦିର ଉପର ଏବଂ ଗଛ ଉପରେ ରହି ଅପେକ୍ଷା କରିଥିଲେ । ପୂର୍ବ ବର୍ଷଗୁଡ଼ିକ ଅପେକ୍ଷା ବହୁ ବିଳମ୍ବରେ ଦିନ ୨ଟା ସମୟରେ ରଥଟଣା ଆରମ୍ଭ ହୋଇଥିଲା । ପ୍ରଥମେ ବଳଭଦ୍ରଙ୍କ ରଥ, ତା' ପଛରେ ସୁଭଦ୍ରା ଏବଂ ଶେଷରେ ଜଗନ୍ନାଥଙ୍କ ରଥ ଟଣା ହୋଇଥିଲା । ହଜାର ହଜାର ନାରୀ ଏବଂ ପୁରୁଷ ରଥ ଟାଣୁଥିଲେ ଏବଂ ଏକ ମୁହୂର୍ତ୍ତ ପାଇଁ ହେଲେ ମଧ୍ୟ ରଥ ଟାଣିବାର ଏକ ସ୍ୱତନ୍ତ୍ର ମହତ୍ତ୍ୱ ଅଛି ବୋଲି ବିଚାର କରାଯାଏ । ଏହି ପ୍ରିୟ ଏବଂ ପବିତ୍ର ଉଦ୍ଦେଶ୍ୟ ନିମନ୍ତେ ସ୍ୱେଚ୍ଛାସେବକମାନେ ଉପସ୍ଥିତ ନରନାରୀମାନଙ୍କୁ ସମସ୍ତ ସମ୍ଭାବ୍ୟ ସାହାଯ୍ୟ ସହଯୋଗ ଯୋଗାଇ ଦେଇଥିଲେ । ଜଗନ୍ନାଥଙ୍କ ରଥର ଉଭୟ ପାର୍ଶ୍ୱରେ ଜନଗହଳି ଅଧିକ ଥିଲା । ସେଠାରୁ ଉଚ୍ଚ ସ୍ୱରରେ ଭକ୍ତି ସଂଗୀତ ଶୁଣାଯାଉଥିଲା ଏବଂ ଭକ୍ତମାନେ ରାସ୍ତାରେ ରହୁଥିବାର ଦେଖା ଯାଇଥିଲା ।

କୀର୍ତ୍ତନ ଦଳମାନଙ୍କ ମଧ୍ୟରେ କଲିକତାର ଗୌଡ଼ୀୟ ବୈଷ୍ଣବ ଦଳ ଦୃଷ୍ଟି ଆକର୍ଷଣ କରୁଥିଲେ । ଗଭୀର ଭକ୍ତିଭାବ ଚତୁର୍ଦ୍ଦିଗରେ ପରିଲକ୍ଷିତ ହେଉଥିଲା । ଏପରିକି ନାସ୍ତିକମାନେ ମଧ୍ୟ ସେହି ସମୟରେ ନିଜକୁ ନାସ୍ତିକତାରୁ ଦୂରେଇ ଦେଇଥିବା ଦୃଷ୍ଟିଗୋଚର ହୋଇଥିଲା । ଜଣେ ହିନ୍ଦୁ ପାଇଁ ରଥ ଉପରେ ଜଗନ୍ନାଥଙ୍କୁ ଦର୍ଶନ କରିବା ପ୍ରକୃତରେ ଏକ ଅନୁପମ ଦୃଶ୍ୟ ।

ଭୀଡ଼ ମଧ୍ୟରେ କିଛି ୟୁରୋପୀୟଙ୍କ ଉପସ୍ଥିତି ଦୃଷ୍ଟି ଆକର୍ଷଣ କରିଥିଲା । ପୁରୀଠାରୁ ଅନତି ଦୂରରେ ପ୍ରବଳ ବର୍ଷା ହେଉଥିଲେ ମଧ୍ୟ ପୁରୀର ଆକାଶ ମେଘାଛନ୍ନ ଥିବା ସତ୍ତ୍ୱେ ଆଦୌ ବର୍ଷା ହୋଇ ନଥିଲା । (ଅନୁବାଦିତ)

(କ୍ରମଶଃ...)



ତା ୧୬.୭.୨୨ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବଙ୍କ ଉପସ୍ଥିତିରେ ଆହୂତ 'ଶ୍ରୀମନ୍ଦିର ସଂସ୍କୃତି ପରାମର୍ଶଦାତା କମିଟି' ବୈଠକ ।

*ଐତିହ୍ୟ ପୃଷ୍ଠାରୁ ...*

## ଶ୍ରୀମନ୍ଦିରରେ ମହନ୍ତ ସେବାର ମରିଚିକା

ଓଡିଶାରେ ମୁସଲମାନ ଶାସନର ବହୁ ପୂର୍ବରୁ ଦ୍ୱିତୀୟ ତିରୋରୀ ଯୁଦ୍ଧ ପରେ ୧୧୯୨ ମସିହାରେ ଉତ୍ତର ଭାରତରେ ବିଧିବଦ୍ଧ ଭାବରେ ମୁସଲମାନ ସାମ୍ରାଜ୍ୟ ପ୍ରତିଷ୍ଠା ହୋଇଥିଲା । ତା'ପରେ ୧୨୦୨ ମସିହାରେ ଲକ୍ଷ୍ମଣସେନଙ୍କୁ ବଙ୍ଗଳାରେ ପରାସ୍ତ କରି ମହମ୍ମଦ ଖିଲଜୀ ବଙ୍ଗଳାରେ ମୁସଲମାନ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ଏହାର ବହୁ ବର୍ଷ ପରେ ଓଡ଼ିଶାରେ ସେମାନେ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ ।



ଅମୀନ ଅହମ୍ମଦ ଗୋଟିଏ ପୁସ୍ତକ ଲେଖିଛନ୍ତି 'ହାଫିଜ କଲିମ୍' । ସେଥିରେ ସେ ଲେଖିଛନ୍ତି ମୁସଲମାନମାନେ ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରବେଶ କରିବା ପାଇଁ କୌଣସି କଟକଣା ନଥିଲା । 'ରକୁସ୍ ମାଲାଡିକ୍' ନାମକ ପୁସ୍ତକ ଲେଖିଛନ୍ତି ଗୋଲାମ ହାସେନ ସଲିମ୍ । ସେ ଲେଖିଦେଇ ଯାଇଛନ୍ତି ଜଗନ୍ନାଥ ମନ୍ଦିରରେ ମୁସଲମାନଙ୍କ ଦ୍ୱାରା ମହନ୍ତ ସେବା ପ୍ରଚଳିତଥିଲା । ଶ୍ରୀମନ୍ଦିରକୁ ପ୍ରବେଶ କରୁଥିଲେ ମୁସଲମାନମାନେ, ଏଇ ତଥ୍ୟ ଅନ୍ୟ କେତେକ ଦସ୍ତାବିଜ୍‌ରୁ ମିଳେ । କବୀର ଦାସ, ମୂଳକ ଦାସ, ସାଲବେଗ ଯାଉଥିଲେ, କିନ୍ତୁ ଏମାନେ ସନାତନୀ ଦୀକ୍ଷା ନେଇଥିଲେ । ମହାପ୍ରଭୁ ଶ୍ରୀମନ୍ଦିର ବାହାରେ ଗୋପନ ଲୀଳା କରୁଥିବା ସମୟରେ ଥରେ ସାଲବେଗ ସାଙ୍ଗରେ ଯାଇଥିଲେ । ଋମର ସେବା କରୁଥିଲେ । ତାର ବି ପ୍ରମାଣ ଅଛି । ଏହା ରାଜସ୍ୱୀକୃତ ନଥିଲା । ସେମାନେ ମଠ ପ୍ରତିଷ୍ଠା କରିଥିଲେ ତଥା ଅନ୍ୟ ମଠ ସହିତ ଜଡ଼ିତ ଥିଲେ । ସାଲବେଗ ବୈଷ୍ଣବମାନଙ୍କ ପଙ୍କ୍ତି ଭୋଜନରେ ବସିବା ପାଇଁ ବହୁ ବିଚାର ବିମର୍ଶ ପରେ ଶ୍ରୀକ୍ଷେତ୍ରର ମହାନ୍ତାଇ ଗୋଷ୍ଠୀ ରାଜି ହୋଇଥିଲେ ।

ଶ୍ରୀମନ୍ଦିରରେ ମୁସଲମାନଙ୍କ ମହନ୍ତ ସେବା ପ୍ରଚଳିତ ଥିଲା, ଏହାର ଗୋଟିଏ ବି ପ୍ରମାଣ ମିଳି ନାହିଁ । ମୂର୍ତ୍ତିପୂଜା କରୁ ନଥିବା ଲୋକେ ମହନ୍ତ ସେବା କରୁଥିଲେ, ଏହା ବିଶ୍ୱାସ ବି ନୁହଁ, ମଠ ହେଲେ ତ ମହନ୍ତ ପ୍ରସଙ୍ଗ ଆସିବ । ଶ୍ରୀକ୍ଷେତ୍ରରେ ୪୯ଟି ଧାରାର ୩୭୪ ମଠ ଆଜି ଅଛି । ଏହି ଧାରାରେ ମୁସଲମାନ ଧାରା ନାହିଁ କି ମଠ ନାହିଁ । ମହନ୍ତ ସେବା ଗଜପତି ଦିଅନ୍ତି । ସେବା ନିର୍ଦ୍ଦିଷ୍ଟ ଥିଲା । କୌଣସି ଗଜପତି ମୁସଲମାନଙ୍କୁ ମହନ୍ତ ସେବା ଦେବାର ପ୍ରମାଣ ମିଳିନି । ହାସେନ୍ ମହାଶୟ କ'ଣ ବୁଝିଲେ ଯେ ଏମିତି ଲେଖିଲେ ତାହା ଅବୁଝା ହୋଇ ରହିଛି ।

ସେ ବୋଧେ ବୁଝି ପାରି ନାହାଁନ୍ତି ନିର୍ଗୁଣ-ସଗୁଣ ଭାବ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ଉପାସନା ହେଉଛି ଏକ ସର୍ବୋଚ୍ଚ ଈଶ୍ୱରଧାରଣା । ଏଠି ଆକୁଳ ପ୍ରାର୍ଥନା ଅପେକ୍ଷା ମାନବିକ କର୍ତ୍ତବ୍ୟ (ମଣିଷ ପଣିଆ) ମୁଖ୍ୟ । ଶ୍ରୀମନ୍ଦିରର ରୀତିନୀତି ମଣିଷ ମନରେ ଆତ୍ମପ୍ରତ୍ୟୟ ଆଙ୍କିଦିଏ । ଜୀବନର ବିକାଶ ପାଇଁ ଆତ୍ମ ବିଶ୍ୱାସ ସୃଷ୍ଟି କରେ । 'ସେବା' ହେଉଛି ସେ ଦିଗକୁ ଯିବାର ଏକ ଗଳି ରାସ୍ତା । ସେବା ପାଇଁ ନିଷ୍ଠା ଆବଶ୍ୟକ । ପ୍ରଭୁଙ୍କ ପ୍ରତି ନିଷ୍ଠା ତ ଦୂରେ ଥାଉ, ଶ୍ରଦ୍ଧା ଯାହାଙ୍କର ନଥିଲା, ସେ କେମିତି ମହନ୍ତ ସେବା ପାଇଲେ !!!

*ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର- ଐତିହ୍ୟ ବିଶାରଦ (ଦୋଳମଣ୍ଡପ ସାହି), ପୁରୀ-୧*

# ମୋ ଜଗନ୍ନାଥ ଯେଉଁଠି ମୋ ଶ୍ରୀକ୍ଷେତ୍ର ସେଇଠି

ଶ୍ରୀଜଗନ୍ନାଥ ଧାମ ପୁରୀରେ ଯେଉଁ ସମୟରେ ପଞ୍ଚସଖାମାନେ ସାଧନା କରୁଥିଲେ ତାହା ଥିଲା ଏକ ସୁବର୍ଣ୍ଣ ଯୁଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅଚ୍ୟୁତ, ଅନନ୍ତ, ଯଶୋବନ୍ତ, ବଳରାମ ଏବଂ ଜଗନ୍ନାଥ ଭକ୍ତି ଜ୍ଞାନ ଏବଂ ସାଧନାରେ ଏକୁ ଆରେକ ବଳିୟାର ଥିଲେ । ସେମାନଙ୍କ ରଚନା ପାଠ କରି ଏବଂ ସେମାନଙ୍କ ସହିତ ପ୍ରତ୍ୟକ୍ଷ ସତ୍‌ସଂଗ କରି ସାଧାରଣ ଜନତା ଭକ୍ତିଭାବନାକୁ ଆଦରି ନେବା ପାଇଁ ବାଟ ପାଇ ଯାଉଥିଲେ । ଶ୍ରୀକ୍ଷେତ୍ର ପୁରୀ ହେଉଛି ମର୍ତ୍ତ୍ୟବୈକୁଣ୍ଠ ଏବଂ ଏହି ଧାମରେ ଲକ୍ଷ୍ମୀନାରାୟଣ ସ୍ୱୟଂ ବିରାଜମାନ କରୁଛନ୍ତି ଏବଂ ଲୀଳାଖେଳା କରୁଛନ୍ତି, ଏହି ଧାରଣା ସାଧାରଣ ଭକ୍ତିଭାବାପୂର୍ଣ୍ଣ ଲୋକର ହୃଦୟରେ ଦୃଢ଼ ହୋଇ ଯାଇଥିଲା । ସଂସ୍କୃତ ଭାଷାରେ ଲିଖିତ ବେଦ, ଉପନିଷଦ ଏବଂ ପୁରାଣ ଆଦିକୁ ଓଡ଼ିଆ ଭାଷାରେ ଅନୁବାଦ କରି ପଞ୍ଚସଖାଏ ସାଧାରଣ ପାଠକ ନିକଟରେ ପହଞ୍ଚାଇ ଦେଉଥିଲେ । ଦରକାର ହେଲେ ଆପଣାର ସାଧନା ବଳରେ ପ୍ରାପ୍ତ ଆଧ୍ୟାତ୍ମିକତାର କିଛି ଅଂଶ ଏଥିରେ ମିଶ୍ରିତ କରି ପୁରାଣଶାସ୍ତ୍ରକୁ ସହଜ ଭାବେ ହୃଦୟଗ୍ରାହୀ କରାଇପାରୁଥିଲେ । ଯଶୋବନ୍ତ ଦାସଙ୍କ 'ଟିକା ଗୋବିନ୍ଦଚନ୍ଦ୍ର', ଜଗନ୍ନାଥ ଦାସଙ୍କ 'ଭାଗବତ', ଅଚ୍ୟୁତାନନ୍ଦଙ୍କ 'ଗୋପାଳଙ୍କ ଓଗାଳ' ଏବଂ ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ' ଜନ ସମାଜରେ ଅତ୍ୟନ୍ତ ଆଦରଣୀୟ ହୋଇପାରିଥିଲା । ବଳରାମ ଦାସ କୃପାସିନ୍ଧା ଥିଲେ ଏବଂ ମହାପ୍ରଭୁଙ୍କ ସହିତ ସାକ୍ଷାତ୍ ବ୍ୟବହାର ଏବଂ ଆଲୋଚନା କରିପାରୁଥିଲେ । ସେ କହୁଥିଲେ ମୁଁ ହେଉଛି ଶ୍ରୀକୃଷ୍ଣ ପୁତ୍ର ପ୍ରଦ୍ୟୁମ୍ନଙ୍କ ସନ୍ତାନ । ତେଣୁ ଲକ୍ଷ୍ମୀନାରାୟଣ ଏ ଯୁଗରେ ଶ୍ରୀକ୍ଷେତ୍ରରେ ଜଗନ୍ନାଥ ଏବଂ ଲକ୍ଷ୍ମୀ ହୋଇ ବସିଥିଲେ ମଧ୍ୟ ମୋର ଆତ୍ମୀୟ । ସେମାନଙ୍କ ସହିତ ଅନ୍ତରଙ୍ଗ ଆଳାପ କରିବା ମୋର ଜନ୍ମଗତ ଅଧିକାର । ଏହି ଭବନା ନେଇ ସେ ଆପଣା କଳ୍ପନା ପୟସୃତ ଗ୍ରନ୍ଥ ଲକ୍ଷ୍ମୀନାରାୟଣ ରଚନା କଲେ । ସେଥିରେ ବଡ଼ଠାକୁର ଶ୍ରୀବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ମା' ସାଆନ୍ତାଣୀ ଲକ୍ଷ୍ମୀ ଠାକୁରାଣୀଙ୍କୁ ନେଇ ଏକ ନାଟକୀୟ ପରିସ୍ଥିତି ସୃଷ୍ଟି କଲେ । ମନୁଷ୍ୟ ସମାଜରେ ସ୍ୱାମୀ ସ୍ତ୍ରୀଙ୍କ ସମ୍ପର୍କ କିପରି ହେବା ଉଚିତ୍ ଏବଂ ସମାଜର ଚଳଣି କିଭଳି ହେଲେ ମନୁଷ୍ୟ ସମାଜ ଭେଦଭାବରୁ ଦୂରେଇ ରହି ସୁସ୍ଥ ସୁନ୍ଦର ହୋଇପାରିବ ଏଇ ଭାବଧାରାକୁ ନେଇ କୃପାସିନ୍ଧା ବଳରାମ ଦାସ ଅତି ରୋଚକ ଭାବେ ଲକ୍ଷ୍ମୀ ପୁରାଣର ବିଷୟବସ୍ତୁକୁ ଉପସ୍ଥାପନ କରିଛନ୍ତି । ଫଳରେ ସେହି ଦିନଠାରୁ ଆଜିଯାଏ ଏହି ପୁରାଣର କାହାଣୀ ପ୍ରତ୍ୟେକ ଓଡ଼ିଆ ଘରର ଗୃହିଣୀ, ଗୃହସ୍ଥ ଏବଂ ସମାଜକୁ ମାର୍ଗଦର୍ଶନ ଦେଇ ଆସୁଛି । ସାଧାରଣ ଭକ୍ତଟିଏ ବିଶ୍ୱାସ କରେ ଏପରି ଲେଖା ଲେଖିପାରୁଥିବା ସାଧକ ପ୍ରତ୍ୟକ୍ଷ ଭାବେ ମହାପ୍ରଭୁଙ୍କ ସହିତ ଆଳାପ ଆଲୋଚନା କରିପାରୁଥିବେ । ବାସ୍ତବରେ ମହାପ୍ରଭୁଙ୍କ ସଙ୍ଗରେ କୃପାସିନ୍ଧାଙ୍କର ଅନ୍ତରଙ୍ଗତା ଅନନ୍ୟ ସାଧାରଣ । କେତେବେଳେ ସେ ମହାପ୍ରଭୁଙ୍କ ସାଥିରେ ଲଙ୍କାକୁ ଯାଇଛନ୍ତି ତ କେତେବେଳେ ଗଜପତିଙ୍କ ବଗିଚାରୁ ପଣସ ଚୋରି କରି ଖାଇଛନ୍ତି । ରଥଯାତ୍ରା ବେଳେ ସେବକମାନେ ରଥ ଉପରୁ ତାଙ୍କୁ ଘଉଡ଼ି ଦେବାରୁ ସମୁଦ୍ରକୂଳକୁ ଯାଇ ବାଲିରଥ ତିଆରି କରି ଦିଅଁମାନଙ୍କୁ ଆବାହନ କରିଛନ୍ତି । ମହାପ୍ରଭୁ ତ ଭକ୍ତବାନ୍ଧବ, ଭକ୍ତର ମାନ ରଖିବା ପାଇଁ ବଡ଼ଦାଣ୍ଡର ତିନି ରଥ ଛାଡ଼ି ବାଙ୍କି ମୁହାଁଣ ଠାରେ ବଳରାମ ଦାସ ବାଲିରେ ତିଆରି ଥିବା ରଥରେ ବସି ଯାଇଛନ୍ତି । ବଳରାମ ଦାସ ଏ ସବୁ ବିଷୟରେ କିଛି ନ ଲୁଚାଇ ଜନସାଧାରଣଙ୍କ ପାଖରେ ଲେଖା ମାଧ୍ୟମରେ ସବୁ ପ୍ରକାଶ କରିଛନ୍ତି । ଏ ସବୁ ଜାଣିଲା ପରେ ଦିନେ ମହାଲକ୍ଷ୍ମୀ ପଚାରିଲେ ଆରେ ବଳିଆ ଦାସ ତୁ ମନେ ମନେ ଆପଣାକୁ କ'ଣ ବୋଲି ଭାବୁଚୁ ? ତୁ କ'ଣ ଧ୍ରୁବ ପ୍ରହଲ୍ଲାଦଙ୍କ ଠାରୁ ବଡ଼ ଭକ୍ତ ? ନାରଦଙ୍କଠାରୁ ମହାପ୍ରଭୁଙ୍କର ଅତି ଅନ୍ତରଙ୍ଗ ? ଟିକିଏ ଆଡ଼ ନଜର କରିଦେଲେ ଶ୍ରୀକ୍ଷେତ୍ର ଆସିପାରିବୁ ନାହିଁ । ଏତେ ଅହଂଭାବ କାହିଁକି ? ବଳରାମ ଦାସ ମଧ୍ୟ କୋଉ ମାନିବା ଲୋକ । ମୁହେଁ ମୁହେଁ ଜବାବ ହେଲେ, 'ମା ତୁମେ ମହାପ୍ରଭୁଙ୍କ ପାଟରାଣୀ, ଲକ୍ଷ୍ମୀ ସାଆନ୍ତାଣୀ, ହେଲେ ସବୁବେଳେ ଟେରେଇ ଚାହଁ । କୌଣସି କଥାକୁ ସିଧାସଳଖ ଦେଖିପାରନ୍ତି ନାହିଁ । ମୁଁ ମୋ ମହାପ୍ରଭୁଙ୍କର ଅନ୍ତରଙ୍ଗ ହେଲି, ତମର ଗାତ୍ରଦାହ ହେଉଛି କାହିଁକି ? ମା' ତମ ତମ ହୋଇ କହିଲେ ଅନ୍ତରଙ୍ଗ ହଉଥା । ତୋ ଭାଗ୍ୟରେ ଶ୍ରୀକ୍ଷେତ୍ରରେ ମରଣ ନାହିଁ । ବଳରାମ ଦାସ କିଛି ନ କହି ଚୁପ୍ ରହିଲେ । ଅନେକ ଦିନ ପରେ ବୟସର ଅପରାହ୍ନରେ ଆପଣା ଏରବଙ୍ଗ ଆଶ୍ରମରୁ ଚାଲି ଚାଲି ପୁରୀ ଆସୁଥାନ୍ତି କୃପାସିନ୍ଧା ବଳରାମ ଦାସ । ବାଟରେ ସମଗରା ପାଟର ପାଣି ଶୁଖିଯାଇ ଡହ ଡହ ଖରାରେ ବାଲି ତାତିଯାଇଛି । ଆଗକୁ ଚାଲିବାକୁ ଆଉ ଶକ୍ତି ନାହିଁ । ଦାସେ ଦୂରରୁ



ନୀଳଚକ୍ର ଏବଂ ପତିତପାବନ ବାନାକୁ ଚାହିଁ ତଳେ ପଡ଼ିଗଲେ । କାତର କଣ୍ଠରେ ଡାକିଲେ ହେ ମହାପ୍ରଭୁ ଦର୍ଶନ ଦିଅ । ମା'ଙ୍କ ସହିତ ବଳିଆ ଦାସ ସାମ୍ନାରେ ଉଭାହୁଅ । ଦ୍ୱିପହର ଧୂପ ସରିଛି । ମହାପ୍ରଭୁ କହିଲେ ଲକ୍ଷ୍ମୀ ଟିକିଏ ସମଗରା ପାଟଆଡ଼ୁ ବୁଲି ଆସିବା ଚାଲ । ମହାଲକ୍ଷ୍ମୀ ବାହାରି ପଡ଼ିଲେ । ଦୁହେଁ ଯାଇ ପହଞ୍ଚିଲେ ବଳରାମ ଦାସଙ୍କ ସମ୍ମୁଖରେ । ମହାଲକ୍ଷ୍ମୀ ଖିଲି ଖିଲି ହସି ଦେଇ କହିଲେ ଆରେ ବଳିଆ ଦାସ ମୁଁ କହିଥିଲି ନା, ତୋର ଶ୍ରୀକ୍ଷେତ୍ରରେ ମରଣ ନାହିଁ । ମୋ କଥା ଏବେ ସତ ହେଲା ତ ! ଜୀବନର ଅନ୍ତିମ ବେଳାରେ କରପତ୍ର ଯୋଡ଼ି କୃପାସିନ୍ଧା ବଳରାମ ଦାସ କ୍ଷୀଣ କଣ୍ଠରେ କହିଲେ ମୋ ପ୍ରଭୁ ଜଗନ୍ନାଥ, ମୋ ଲକ୍ଷ୍ମୀ ସାଆନ୍ତାଣି ଯେଉଁଠି ସେଇ ତ ମୋର ଶ୍ରୀକ୍ଷେତ୍ର । ।

*ଶଂକର୍ଷଣ ମଂଗରାଜ, (ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ)*

*ମଂଗଳାଘାଟ ରୋଡ଼, ପୁରୀ-୧*

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ '**ହୁଣ୍ଡି**' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । *ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**

**E-mail : jagannath.or@nic.in * Web Site : www.shreejagannatha.in**

**Printed at : Rama Press, S.C.S. College Road, Near Amala Club, Puri**

ମୂଲ୍ୟ : ଦୁଇଟଙ୍କା ମାତ୍ର